ସକାଳ-୧୩.୧୦.୨୦୨୩

# ଫସଲ ବିବିଧିକରଣ ଯୋଜନାର ପ୍ରଚାର ପାଇଁ ପଦଯାତ୍ରା



**ସୁନ୍ଦରଗଡ଼,୧୨।୧୦(ସମିସ):** ସ୍ୱେଚ୍ଛାସେବୀ ସଂସ୍ଥା 'ସେବକ' ପକ୍ଷରୁ ଲେଫ୍ରିପଡ଼ା ବ୍ଲକ ଅଧୀନ ବଡ଼ବଙ୍ଗା ପଞ୍ଚାୟତର ବୃହତ ଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନାର ପ୍ରଚାରପ୍ରସାର ପାଇଁ କୃଷକ ସଚେତନତା ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖରିଫ ଋତୁରେ ଅଣଧାନ ଜାତୀୟ ଫସଲ ଚାଷପ୍ରତି ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ତଥା ବଜାର ଚାହିଦା ମୁତାବକ ଅଣଧାନ ଫସଲ ଚାଷ କରିବା ଏହି ଯୋଜନାର ମୂଳଲକ୍ଷ୍ୟ । ଏହି ଯୋଜନାରେ ଚାଷୀଙ୍କୁ ମିଳିଥିବା ସୁବିଧା ସୁଯୋଗ ଉପରେ ସଚେତନତା କରିବା ପାଇଁ ଉକ୍ତ ଚାଷୀ ପଦଯାତ୍ରା ପୋଢ଼ମୁଣ୍ଡି, ଶ୍ରୀଭୁବନପୁର, ମହୀକାନୀ, ବଡ଼ବଙ୍ଗା , ଭରତପୁର, ଛୋଟବଙ୍ଗା, ଝାରଗାଁ, ବୁଦେଲକାନି, ଧରୁଆଡ଼ିହି ଆଦି ଗ୍ରାମରେ ଆୟୋଜିତ ହୋଇଥିଲା । ସଚେତନତା ସଭା ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଯୋଜନା ସମ୍ପର୍କରେ ସ୍ଥାନୀୟ କୃଷକଙ୍କୁ ସଚେତନ କରା ଯାଇଥିଲା । ଏଥିରେ ଲେଫ୍ରିପଡ଼ା ବ୍ଲକ କୃଷି ଅଧିକାରୀ ପୃଥିବୀରାଜ ମଣ୍ଡଳ, ସସ୍ମିତା ମୁର୍ମୁ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି ଘୋଷ, ସରପଞ୍ଚ ସନ୍ତୋଷ ସୁରେନ, ସମିତିସଭ୍ୟ ମାନସ ରଞ୍ଜନ ସାହୁ, ସେବକର ବ୍ଲକ ପ୍ରକଳ୍ପ ସଂଯୋଜକ ସୁମିତି କୁମାର ପଟେଲ, ସର୍ଗିପାଲି କୃଷି ଅଧିଦର୍ଶକ ଝରଣା ଦାସ, ବଡ଼ବଙ୍ଗା କୃଷି ଅଧିଦର୍ଶକ ପୁଷ୍ପଲତା ଭୂୟାଁ ପ୍ରମୁଖଅତିଥିଭାବେ ଯୋଗ ଦେଇଥିଲେ । ବିନ୍ଧ୍ୟଗିରି ଉତ୍ପାଦକ ସଂଗଠନ, ବସୁଧା ଉତ୍ପାଦକ ସଂଗଠନ, ଛେଦଲଗନ କୃଷି ଉତ୍ପାଦକ ସଂଗଠନ ଓ ବାବା ମେଢେଶ୍ୱର କୃଷକ ଉତ୍ପାଦକ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ରୋଷେଇ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା ।